ପ୍ରମେୟ
THE PRAMEYA

11th June, 2019

# ୧୮ରେ ଆଇଆଇଟିରେ ଜେଇଇ ଆଡ୍‌ଭାନ୍ସଡ୍ କର୍ମଶାଳା

ଭୁବନେଶ୍ୱର,୧୦ା୬(ବ୍ୟୁରୋ): କେମିତି ଆଇଆଇଟିରେ ପଢିପାରିବେ । ଜେଇଇ ମେନ୍ ଦେବା ପରେ ଜେଇଇ ଆଡଭାନ୍ସଡ୍‌ରେ କିଭଳି ପାଇବେ ସଫଳତା । ଏସବୁ ସଫଳତାର ମନ୍ତ୍ର ଦେବ ଆଇଆଇଟି ଭୁବନେଶ୍ୱର । ତା'ର ସ୍ଥାୟୀ କ୍ୟାମ୍ପସ୍‌ରେ ଆସନ୍ତା ୧୮ ତାରିଖରେ ଜେଇଇ ଆଡଭାନ୍ସଡ୍ ସମ୍ପର୍କିତ କର୍ମଶାଳା ଆୟୋଜନ କରିବ । ଏହି କର୍ମଶାଳାରେ ଜେଇଇ ଆଡଭାନ୍ସଡ୍‌ରେ ର୍‌ୟାଙ୍କ୍ ହାସଲ କରିଥିବା ଛାତଛାତ୍ରୀମାନଙ୍କ ପାଇଁ ଏକ ମୁକ୍ତଗୃହ ସଭା ହେବ । ତା'ସହିତ ଜେଇଇ ଆଡଭାନ୍ସଡ୍ ଆଶାୟୀମାନଙ୍କୁ ମଧ୍ୟ ଟ୍ରେନିଂ ଦିଆଯିବ ବୋଲି ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ସୂଚନା ଦେଇଛନ୍ତି । ସେହିପରି ଆସନ୍ତା ୧୪ ତାରିଖରେ ଜେଇଇ ଆଡଭାନ୍ସଡ୍ ଫଳ ପ୍ରକାଶ ପାଇବାକୁ ଥିବା ବେଳେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସେ ଆଗୁଆ ଶୁଭେଚ୍ଛା ଜଣାଉଛନ୍ତି ବୋଲି ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ।

ଜଟଣୀର ଅରୁଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସରେ ୧୮ରେ ଜେଇଇ ଆଡଭାନ୍ସଡ୍ ସମ୍ପର୍କିତ ଏକ ଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଛାତ୍ରଛାତ୍ରୀ ଯୋଗ ଦେବେ । ସେମାନଙ୍କ ମଧ୍ୟରେ ଥିବେ ୨୦୧୯ ଜେଇଇ ଆଡଭାନ୍ସରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ୨୦୨୦ ଜେଇଇ ପରୀକ୍ଷା ପାଇଁ ଆଶାୟୀ ଥିବା ଛାତ୍ରଛାତ୍ରୀ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଆଇଆଇଟିର ବିଭିନ୍ନ ବିଭାଗ, ଶିକ୍ଷାନୁଷ୍ଠାନର ସମସ୍ତ ସୁବିଧା ସୁଯୋଗ, ଫାକଲ୍‌ଟିମାନଙ୍କ ବିଷୟରେ ସୂଚନା ପାଇପାରିବେ । ଏହି କାଉନ୍‌ସିଲ ସକାଳ ୯ଟା ୩୦ରୁ ଆରମ୍ଭ ହେବ । ପ୍ରଥମେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଆଡମିଶନ୍‌ର ପ୍ରକ୍ରିୟା ଓ ଆଇଆଇଟିର ଶିକ୍ଷାଦାନ ପ୍ରଣାଳୀ ଉପରେ ସୂଚନା ଦିଆଯିବ । ତା'ସହିତ ଏଥିରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରହିଛି । ଯେଉଁଥିରେ

## ଓଡ଼ିଶା ସହ ରାଜ୍ୟ ବାହାରର ଛାତ୍ରଛାତ୍ରୀ ଯୋଗ ଦେବେ

ଛାତ୍ରଛାତ୍ରୀମାନେ କ୍ୟାରିୟର୍‌କୁ ନେଇ ବିଭିନ୍ନ ପ୍ରଶ୍ନ ପଚାରି ପାରିବେ । ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ଥିବା ସିଟ୍ ବିଷୟରେ ମଧ୍ୟ ଆଲୋଚନା କରାଯିବ । ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଜେଇଇ ପରୀକ୍ଷା ବିଷୟରେ ୨୦୧୭ ମସିହାରୁ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଆଲୋଚନାଚକ୍ର ଓ ହେଲ୍ପ ଡେସ୍କ ଆୟୋଜିତ ହେଉଛି । ଏପରି ସେବା ପ୍ରଦାନ କରିବାରେ ଆଇଆଇଟି ଭୁବନେଶ୍ୱର ଦେଶର ପ୍ରଥମ । ଛାତ୍ରଛାତ୍ରୀମାନେ ଏହି ଆଲୋଚନାଚକ୍ରରୁ ଲାଭବାନ ହେଉଛନ୍ତି । ଓଡ଼ିଶା ସହିତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା, ବିହାର, କର୍ଣ୍ଣାଟକ ଓ ତାମିଲନାଡୁର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ନିର୍ଦ୍ଦେଶକ ପ୍ରଫେସର ରାଜକୁମାର କହିଛନ୍ତି । ଏପରି ସଭା ଆୟୋଜନ କରିବା ପଛରେ ଥିବା ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ କ୍ୟାରିୟର୍ ଚୟନ କରିବାରେ ମାର୍ଗଦର୍ଶନ କରିବା ଓ ଆଇଆଇଟି ପ୍ରଣାଳୀ ଉପରେ ଅଭିଜ୍ଞତା ପ୍ରଦାନ କରିବା ବୋଲି ସେ କହିଛନ୍ତି ।

# ୧୪ରେ ବାହାରିବ ଜେଇଇ ଆଡ୍‌ଭାନ୍ସଡ୍ ଫଳ

ଭୁବନେଶ୍ୱର,୧୦ା୬(ବ୍ୟୁରୋ): ଆସନ୍ତା ୧୪ ତାରିଖରେ ବାହାରିବ ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଫଳ । ଫଳ ଅନଲାଇନ୍‌ରେ ବାହାରିବ । ଜେଇଇ ଆଡଭାନ୍ସଡରେ ର୍‌ୟାଙ୍କ୍ ବାହାରିବା ପରେ ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ସମେତ ଦେଶରେ ଥିବା ୨୨ଟି ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ବା ଆଇଆଇଟି ଓ ଧନବାଦସ୍ଥିତ ଭାରତୀୟ ଖଣି ବିଦ୍ୟାପୀଠ(ଆଇଏସଏମ୍)ରେ ଥିବା ୧୧,୨୭୯ ସିଟ୍‌ରେ ନାମ ଲେଖିପାରିବେ । ଜେଇଇ ମେନ୍ ଦେଇଥିବା ଶ୍ରେଷ୍ଠ ୨ ଲକ୍ଷ ୪୫ ହଜାର ଛାତ୍ରଛାତ୍ରୀ ଜେଇଇ ଆଡଭାନ୍ସଡ୍ ଦେବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଚଳିତ ବର୍ଷ ୧ ଲକ୍ଷ ୭୩ ହଜାର ଛାତ୍ରଛାତ୍ରୀ ସମଗ୍ର ଦେଶରୁ ପରୀକ୍ଷା ଦେଇଥିଲେ । ଓଡ଼ିଶାରୁ ମୋଟ ୫ ହଜାର ଛାତ୍ରଛାତ୍ରୀ ଜେଇଇ ଆଡଭାନ୍ସଡ୍ ଦେବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଚଳିତ ବର୍ଷ ୩ ହଜାର ୨୬୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଛାତ୍ରଛାତ୍ରୀମାନେ ର୍‌ୟାଙ୍କ୍ ହାସଲ କରିବା ପରେ ଜଏଣ୍ଟ ସିଟ୍ ଆଲଟମେଣ୍ଟ ଅଥରିଟି ବା ଜୋସା କର୍ତ୍ତୃପକ୍ଷ ନାମଲେଖା ପରିଚାଳନା କରିବେ । ସେହିପରି ଆସନ୍ତା ୧୪ ତାରିଖ ଦିନ ୧୦ଟାରୁ ଆର୍କିଟେକଚର୍ ଆପଟିଚ୍ୟୁଡ୍ ଟେଷ୍ଟ(ଏଏଟି) ପାଇଁ ପଞ୍ଜିକରଣ ଆରମ୍ଭ ହେବ । ଯାହା ୧୫ ତାରିଖ ଅପରାହ୍ନ ୫ଟାରେ ସରିବ । ଏଏଟି ପରୀକ୍ଷା ୧୭ରେ ଅନୁଷ୍ଠିତ ହେବ । ଯାହାର ଫଳ ଆସନ୍ତା ୨୧ ଅପରାହ୍ନ ୫ଟାରେ ବାହାରିବ । ସିଟ୍ ଆଲଟମେଣ୍ଟ ଜୁନ୍ ୧୯ରୁ ଆରମ୍ଭ ହୋଇ ଜୁଲାଇ ୧୫ରେ ସରିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।